# NATIONAL NEWS BULLETIN (ODIA)

21 October - 2025

Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- କେରଳକୁ ଆଜିଠାରୁ ୪ ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ଗତ ଦଶନ୍ଧି ମଧ୍ୟରେ ଦେଶର ପ୍ରତିରକ୍ଷା ଉତ୍ପାଦନ ତିନି ଗୁଣ ବୃଦ୍ଧି ପାଇଛି କହିଲେ ପ୍ରଧାନମନ୍ତ୍ରୀ ।
- ପୁଲିସ୍ ସ୍ମୃତିଦିବସ ପାଳନ ଅବସରରେ ଆଜି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ପୁଲିସ୍ ସ୍ମାରକୀରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ପ୍ରତିରକ୍ଷା ମନ୍ତ୍ରୀ ।
- ନୂତନ ବାଣିଜ୍ୟ ଚୁକ୍ତି ନ ହେଲେ ଆସନ୍ତା ପହିଲାରୁ ଚୀନ୍ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି ନେଇ ଚେତାବନୀ ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ବାଂଲାଦେଶକୁ ୭ରନ୍‌ରେ ପରାସ୍ତ କରିଛି ଶ୍ରୀଲଙ୍କା ।

## ପ୍ରେଜ୍ କେରଳ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେରଳକୁ ଚାରି ଦିନିଆ ଗସ୍ତରେ ଯାଇ ଆଜି ତିରୁବନନ୍ତପୁରମରେ ପହଞ୍ଚିବେ। ସାବରୀମାଳା ମନ୍ଦିର ଆସନ୍ତାକାଲି ରାଷ୍ଟ୍ରପତି ପରି-ଦର୍ଶନ କରିବେ। ତିରୁବନନ୍ତପୁରମର ରାଜଭବନରେ ପୂର୍ବତନ ରାଷ୍ଟ୍ରପତି

କେ. ଆର. ନାରାୟଣନଙ୍କ ଏକ ପ୍ରତିମୂର୍ତ୍ତିକୁ ରାଷ୍ଟ୍ରପତି ଆସନ୍ତା ଗୁରୁବାର ଦିନ ଅନାବରଣ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ନାରାୟଣ ଗୁରୁ ସମାଧିର ଶତବାର୍ଷିକୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବେ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି' ପାଲାସ୍ଥିତ ସେଣ୍ଟ ଥମାସ କଲେଜ ଏବଂ ଏର୍ନାକୁଲମଠାରେ ସେଣ୍ଟ ଟେରେସା କଲେଜର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ଗୋଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଦେଶର ପ୍ରତିରକ୍ଷା ଉତ୍ପାଦନ ତିନିଗୁଣ ବୃଦ୍ଧି ପାଇଛି । ଗୋଆ ଓ କରୱାଲ୍ ଉପକୂଳରେ ଦେଶର ପ୍ରଥମ ସ୍ୱଦେଶୀ ବିମାନ ବାହକ ଆଇ.ଏନ୍.ଏସ୍. ବିକ୍ରାନ୍ତରେ ନୌସେନା କର୍ମଚାରୀଙ୍କ ସହ ଗତକାଲି ଦୀପାବଳି ପାଳନ କରିବା ଅବସରରେ ଶ୍ରୀ ମୋଦୀ ଏହା କହିଛନ୍ତି । ସେ କହିଛନ୍ତି, ଇତିମଧ୍ୟରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଦେଢ଼ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ୨୦୧୪ ମସିହା ପରଠାରୁ ୪୦ରୁ ଅଧିକ ସ୍ୱଦେଶୀ ପ୍ରସ୍ତୁତ ଯୁଦ୍ଧ ଜାହାଜ ଏବଂ ବୁଡ଼ା ଜାହାଜ ନିର୍ମାଣ କରାଯାଇଛି । ଭାରତ ଏବେ ଅଧିକାଂଶ ପ୍ରତିରକ୍ଷା ଉପକରଣ ଘରୋଇ ଭାବରେ ଉତ୍ପାଦିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅପରେସନ୍ ସିନ୍ଦୂର ସମୟରେ ୩ ପ୍ରତିରକ୍ଷା ବାହିନୀର ଅସାଧାରଣ ସମନ୍ୱୟ ପାକିସ୍ତାନକୁ ଆତ୍ମସମର୍ପଣ କରିବାକୁ ବାଧ କରିଥିଲା ।

**V/O-PM**

ସୁରକ୍ଷା ବାହିନୀର ବୀରତ୍ୱ ଏବଂ ଦୃଢ଼ ପ୍ରତିକ୍ରିୟାକୁ ପ୍ରଶଂସା କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସୁବ୍ୟବସ୍ଥିତ ପଦକ୍ଷେପ ଦ୍ୱାରା ଦେଶରେ ମାଓବାଦୀ କାର୍ଯ୍ୟକଳାପ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି ।

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମବର୍ଷ ଶ୍ରୀ ମୋଦୀ ଲଦାଖର ସିଆଚେନ୍ ହିମବାହ ଅଞ୍ଚଳରେ ସୈନିକଙ୍କ ସହିତ ଦୀପାବଳି ପାଳନ କରିଥିଲେ । ଗତବର୍ଷ ସେ ସର୍‌କ୍ରିକ୍‌ରେ ନିୟୋଜିତ ସୈନିକଙ୍କ ସହ ଦୀପାବଳି ପାଳନ କରିବା ସହ ସୀମା ସୁରକ୍ଷା କର୍ମଚାରୀଙ୍କ ସହ ଦୀପାବଳି ପର୍ବ ପାଳନ କରିବାର ପରମ୍ପରା ଜାରି ରଖିଛନ୍ତି ।

## ରାଜନାଥ - ପୁଲିସ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ପୁଲିସ ସ୍ମୃତି ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ପୋଲିସ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ୧୦ ଜଣ ଭାରତୀୟ ପୁଲିସ ସହିଦ ହୋଇଥିଲେ । ସେହିଦିନଠାରୁ ପ୍ରତ୍ୟେକ ବର୍ଷ ପୁଲିସ ସ୍ମୃତି ଦିବସ ପାଳନ କରାଯାଉଛି ।

ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ଏକ ମିଳିତ ପରେଡ୍ ଅନୁଷ୍ଠିତ ହେବ । କେନ୍ଦ୍ରମନ୍ତ୍ରୀ, କେନ୍ଦ୍ରୀୟ ସୁରକ୍ଷା ବଳ ମୁଖ୍ୟ ଏବଂ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିବେ । ଆସନ୍ତାକାଲିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୁଲିସ ସ୍ମାରକୀଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଜିଏସ୍‌ଟି-ଷ୍ଟେସନାରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ତଥା ଗତ ମାସ ୨୨ ତାରିଖରୁ ଆରମ୍ଭ ହୋଇଥିବା ଜି.ଏସ୍.ଟି. ବଚତ୍ ଉତ୍ସବ ସମାଜର ସମସ୍ତ ବର୍ଗର ଲୋକଙ୍କୁ ସୁଫଳ ପହଞ୍ଚାଇଛି । ଷ୍ଟେସନାରୀ ସାମଗ୍ରୀ ଉପରେ ଜି.ଏସ୍.ଟି. ହ୍ରାସ ଶିକ୍ଷା ଖର୍ଚ୍ଚକୁ ହ୍ରାସ କରିବା ସହ ଘରୋଇ ନିର୍ମାତାଙ୍କ ଚାହିଦା ବୃଦ୍ଧି କରିଛି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ସରକାର ବିଭିନ୍ନ ଷ୍ଟେସନାରୀ ସାମଗ୍ରୀ ଉପରେ ରିହାତି ଲାଗୁ କରିଛନ୍ତି । ପେନ୍‌ସିଲ୍, ସାର୍ପନର୍, କ୍ରାୟନ୍, ଗ୍ରାପ୍ ବହି, ମାନଚିତ୍ର ଏବଂ ଚାର୍ଟ୍ ଗୁଡ଼ିକୁ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଛି । ପୂର୍ବରୁ ଏହା ୧୨ ପ୍ରତିଶତ ଟିକସ ହାର ତାଲିକାରେ ଅନ୍ତର୍ଭୁକ୍ତ ଥିଲା । ସେହିପରି ୫ ପ୍ରତିଶତ ଟିକସ ଲାଗୁ ହୋଇଥିବା ଇରେଜର୍ ଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଛି । ଏହି ସଂସ୍କାର ଅତ୍ୟାବଶ୍ୟକ ଷ୍ଟେସନାରୀ ସାମଗ୍ରୀ ଗୁଡ଼ିକର ଚାହିଦା ବୃଦ୍ଧି କରୁଛି । ଜି.ଏସ୍.ଟି. ହ୍ରାସ ପରିବାର ତଥା ଛାତ୍ରଛାତ୍ରୀଙ୍କ ଉପରେ ଆର୍ଥିକ ବୋଝକୁ କମ୍ କରିବା ସହ ଦେଶରେ ଶିକ୍ଷା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରୁଛି ।

## ଟ୍ରମ୍ପ୍-ଚାଇନା

ଚୀନ୍ ଏବଂ ଆମେରିକା ମଧ୍ୟରେ ନୂତନ ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ ନ ହେଲେ ଆସନ୍ତା ମାସ ପହିଲାରୁ ଚୀନ୍ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି ନେଇ ଆମେରିକା ଚେତାବନୀ ଦେଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଶୁଳ୍କ ପରିମାଣ ୧୫୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍‌ଙ୍କ ସହ ହ୍ୱାଇଟ୍ ହାଉସ୍ ଠାରେ ଏକ

ବୈଠକ ପରେ ରାଷ୍ଟ୍ରପତି କହିଛନ୍ତି, ଚୀନ୍‌ର ରପ୍ତାନୀ ସାମଗ୍ରୀ ଉପରେ ୫୫ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି । ତେବେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ନ ହେଲେ ଶୁଳ୍କହାର ଦୃତ ଗତିରେ ବୃଦ୍ଧି ପାଇବ ବୋଲି ସେ ଚେତାବନୀ ଦେଇଛନ୍ତି । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଦକ୍ଷିଣ କୋରିଆଠାରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ ସେ ସାକ୍ଷାତ ଆଲୋଚନା କରିବେ । ଉଭୟ ଦେଶ ମଧ୍ୟରେ ଏକ ନିରପେକ୍ଷ ଏବଂ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି ।

ସୂଚନା ଯୋଗ୍ୟ ପୂର୍ବରୁ ଶ୍ରୀ ଟ୍ରମ୍ପ୍ ଟ୍ରୁଥ୍ ଗରମାଧମ ପୋଷ୍ଟରେ ଘୋଷଣା କରିଥିଲେ, ଚୀନ୍ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଶୁଳ୍କ ଆସନ୍ତାମାସ ପହିଲାରୁ ଅତିରିକ୍ତ ୧୦୦ ପ୍ରତିଶତ ବୃଦ୍ଧି ପାଇବ । ଏପରିକି ସେହି ଦିନଠାରୁ ଚୀନ୍‌ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେୟାର୍ ରପ୍ତାନୀ ଉପରେ ମଧ୍ୟ ନିୟନ୍ତ୍ରଣ ଲଗାଯିବ ବୋଲି ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି ।

## ୟୁଏସ୍-ଇଲିଗାଲ୍ ଇମିଗ୍ରାଣ୍ଟ୍ସ

ଆମେରିକାର ଆଭ୍ୟନ୍ତରୀଣ ସୁରକ୍ଷା ସଚିବ କ୍ରିଷ୍ଟି ନୋଏନ୍ କହିଛନ୍ତି, ଦେଶବ୍ୟାପି ୪ ଲକ୍ଷ ୮୦ ହଜାରରୁ ଅଧିକ ଅଣପଞ୍ଜିକୃତ ବେଆଇନ୍ ପ୍ରବାସୀଙ୍କୁ ଗିରଫ୍ କରାଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଜାନୁଆରୀ ମାସରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରବାସୀଙ୍କୁ ଗିରଫ୍ କରାଯାଇଛି । ସେଥିମଧ୍ୟରୁ ୭୦ ପ୍ରତିଶତ ଲୋକଙ୍କ ବିରୁଦ୍ଧରେ ଅପରାଧିକ ଅଭିଯୋଗ ରହିଛି । କେତେକଙ୍କ ବିରୁଦ୍ଧରେ ଅପରାଧିକ ଅଭିଯୋଗ ମଧ୍ୟ ସାବ୍ୟସ୍ତ ହୋଇଥିବା ସେ କହିଛନ୍ତି । ଫ୍ଲୋରିଡ଼ାରେ ସାମ୍ବାଦିକ

ସମ୍ମିଳନୀକୁ ସମ୍ବୋଧନ କରି କ୍ରିଷ୍ଟି ନୋଏନ୍ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରଶାସନର ଦ୍ୱିତୀୟ କାର୍ଯ୍ୟକାଳ ଅବସରରେ ଅପରାଧିକ ପୃଷ୍ଠଭୂମି ଥିବା ଅଣପଞ୍ଜିକୃତ ପ୍ରବାସୀଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଇଛି । ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗ ଗତ ମାସରେ ଦେଇଥିବା ସୂଚନା ଅନୁଯାୟୀ ଜାନୁଆରୀ ୨୦ ତାରିଖରୁ ଇତିମଧ୍ୟରେ ୨୦ ଲକ୍ଷ ବେଆଇନ୍ ପ୍ରବାସୀ ଆମେରିକା ଛାଡ଼ିଛନ୍ତି ।

## ଜାପାନ୍ ପିଏମ୍

ଜାପାନର ଶାସକ ଲିବେରାଲ୍ ଡେମୋକ୍ରାଟିକ୍ ପାର୍ଟି ଏଲ୍.ଡି.ପି. ଏବଂ ଜାପାନ୍ ଇନୋଭେସନ୍ ପାର୍ଟି ଜେ.ଆଇ.ପି. ମଧ୍ୟରେ ମେଣ୍ଟ ନେଇ ଆନୁଷ୍ଠାନିକ ବୁଝାମଣା ହୋଇଛି । ଫଳରେ ଏଲ୍.ଡି.ପି. ନେତା ସାନାଏ ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବାର ପଥ ଉନ୍ମୁକ୍ତ ହୋଇଛି । ଉଭୟ ଦଳର ନେତାଙ୍କ ମଧ୍ୟରେ ଡାଏଟ୍ ଠାରେ ଗତକାଲି ଅନୁଷ୍ଠିତ ବୈଠକରେ ଏହି ବୁଝାମଣାପତ୍ର ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଉଭୟ ଦଳ ଆର୍ଥିକ, ଅର୍ଥନୈତିକ ସଂସ୍କାର, ବୈଦେଶିକ ବ୍ୟାପାର, ଜାତୀୟ ସୁରକ୍ଷା ଏବଂ ଶକ୍ତି କ୍ଷେତ୍ର ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ଏଲ୍.ଡି.ପି. ଜାପାନର ଏକ ବଡ଼ ଦଳ ଭାବରେ ଉଭା ହୋଇଥିଲେ ମଧ୍ୟ ଚଳିତ ମାସ ଆରମ୍ଭରେ ବହୁମତ ହରାଇଥିଲା । ଜେ.ଆଇ.ପି. ସହିତ ନୂତନ ସହଭାଗିତା ଏଲ୍.ଡି.ପି.କୁ ଏକ ସ୍ଥିର ସରକାର ଗଠନ ପାଇଁ ଆବଶ୍ୟକ ସହଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

# ଆସ୍ରାନି

ବରିଷ୍ଠ ଅଭିନେତା ଗୋବର୍ଦ୍ଧନ ଆସ୍ରାନିଙ୍କର ଗତକାଲି ପରଲୋକ ହୋଇଛି । ମୁମ୍ବାଇରେ ୮୪ ବର୍ଷ ବୟସରେ ଶ୍ରୀ ଆସ୍ରାନି ଅପରାହ୍ଣ ୪ଟାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ବୋଲି ପରିବାର ସୂତ୍ରରୁ ସୂଚନା ଦିଆଯାଇଛି । ସୋଲେରେ ଜେଲର ଭୂମିକା ନିଭାଇଥିବା ଶ୍ରୀ ଆସ୍ରାନି ଚୁପ୍‌କେ ଚୁପ୍‌କେ, ଭୁଲ୍ ଭୁଲେୟାଁ, ଧମାଲ, ବଣ୍ଟି ଓର୍ ବବ୍‌ଲି ଦ୍ୱିତୀୟ ଭଳି ହିଟ୍ ଚଳଚ୍ଚିତ୍ର ଗୁଡ଼ିକରେ ଅଭିନୟ କରିଥିଲେ । ରାଜସ୍ଥାନ ଜୟପୁରର ମୂଳ ବାସିନ୍ଦା ଶ୍ରୀ ଆସ୍ରାନି ଭାରତୀୟ ସିନେମାରେ ଗୌରବମୟ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜନ୍ମସ୍ଥାନର ସେଣ୍ଟ ଜାଭିୟର୍ସ୍ ସ୍କୁଲ୍‌ରେ ଶିକ୍ଷା ଗ୍ରହଣ କରିଥିଲେ । ପଞ୍ଚଦଶନ୍ଧିରୁ ଅଧିକ ସମୟ ଧରି ଅଭିନୟ ଜୀବନରେ ହାସ୍ୟରସାତ୍ମକ ଭୂମିକାରେ ସେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ ।

# ୱିମେନ୍ କ୍ରିକେଟ୍

ଆଇ.ସି.ସି. ମହିଳା ବିଶ୍ୱକପ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଶ୍ରୀଲଙ୍କା ବିଜୟୀ ହୋଇଛି । ନଭି ମୁମ୍ବାଇ ସ୍ଥିତ ଡକ୍ଟର ଡି.ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀ ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶକୁ ୭ ରନ୍‌ରେ ଶ୍ରୀଲଙ୍କା ପରାସ୍ତ କରିଛି । ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୪୮ ଓଭର ଏବଂ ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୦୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ହାସିନି ପେରେରା ୮୫ରନ୍ ସଂଗ୍ରହ କରିଥିଲେ । ବାଂଲାଦେଶ ପକ୍ଷରୁ ସୋର୍ଣ୍ଣା ଅଖତର୍ ୩ଟି ୱିକେଟ୍ ହାସଲ କରିଥିଲେ । ୨୦୩ରନ୍‌ର ବିଜୟ

ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୧୯୫ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ମ୍ୟାଚ୍‌ର ଅନ୍ତିମ ଓଭରରେ ବାଂଲାଦେଶ ଜିତିବା ପାଇଁ ୯ ରନ୍ ଆବଶ୍ୟକ କରୁଥିବା ବେଳେ ଓଭରର ପ୍ରଥମ ୪ଟି ବଲ୍‌ରେ ୪ଟି ଓ୍ୱିକେଟ୍ ହରାଇଥିଲା । ଦଳ ପକ୍ଷରୁ ଅଧିନାୟକ ନିଗାର୍ ସୁଲତାନ୍ ୭୭ରନ୍ ସଂଗ୍ରହ କରିଥିଲେ । ଏହି ବିଜୟ ସହ ଶ୍ରୀଲଙ୍କା ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବାର ଆଶା ଉଜ୍ଜୀବିତ ରହିଛି ।